# ସାଇବର ସୁରକ୍ଷା ଅଭିଯାନ
# ଓଡ଼ିଶା - ୨୦୨୩

## ସାଧାରଣ ଲୋକଙ୍କ ପାଇଁ ପରାମର୍ଶ

### ୧. କିପରି ସାଇବର ଅପରାଧରୁ ସୁରକ୍ଷିତ ରହିବେ

- କଠିନ ପାସୱାର୍ଡ ବ୍ୟବହାର କରନ୍ତୁ । ଏଥିରେ ଅକ୍ଷର, ସଂଖ୍ୟା ଏବଂ ସତନ୍ତ୍ର ଚିହ୍ନ ବା ସ୍ପେସିଆଲ କ୍ୟାରେକ୍ଟର୍ ବ୍ୟବହାର କରନ୍ତୁ ।
- ନିଜର ପାସୱାର୍ଡ କାହାକୁ ଦିଅନ୍ତୁ ନାହିଁ । କିମ୍ବା ୱେବ ବ୍ରାଉଜରରେ ପାସୱାର୍ଡ ସେଭ କରନ୍ତୁ ନାହିଁ ।
- କୌଣସି କାଗଜ ବା ଅନ୍ୟ ସ୍ଥାନରେ ୟୁଜର ଆଇଡ଼ି ବା ପାସୱାର୍ଡ ଲେଖି ରଖନ୍ତୁ ନାହିଁ ।
- ବ୍ୟକ୍ତିଗତ ତଥ୍ୟ ବା ଫଟୋ ଇଣ୍ଟରନେଟରେ ସେୟାର କରିବା ସମୟରେ ସତର୍କ ରୁହନ୍ତୁ ।
- ଇ-ମେଲ, ମେସେଜ ପ୍ରତି ସତର୍କ ରୁହନ୍ତୁ ଏବଂ ଏଥିରେ ଆସିଥିବା ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ ।
- ଅପରିଚିତ ମେଲ ବା ମେସେଜର ଉତ୍ତର ଦିଅନ୍ତୁ ନାହିଁ ।
- କେବଳ ବିଶ୍ୱସ୍ତ ସୋର୍ସରୁ ହିଁ ସଫ୍ଟୱେୟାର, ଆପ୍ଲିକେସନ୍ କିମ୍ବା ଫାଇଲ ଡାଉନଲୋଡ଼ କରନ୍ତୁ ।
- କମ୍ପ୍ୟୁଟର, ଲାପଟପ୍, ଟାବଲେଟ୍, ଫୋନ୍ ଆଦିକୁ ଲାଟେଷ୍ଟ ସଫ୍ଟୱେୟାର ଏବଂ ସିକ୍ୟୁରିଟି ମାଧ୍ୟମରେ ଅପ୍‌ଡେଟ ରଖନ୍ତୁ ।




### ୨. ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ ସତର୍କତା

- କଠିନ ପାସୱାର୍ଡ ବ୍ୟବହାର କରନ୍ତୁ । ଏଥିରେ ଅକ୍ଷର, ସଂଖ୍ୟା ଏବଂ ସ୍ପେସିଆଲ କ୍ୟାରାକ୍ଟର ବ୍ୟବହାର କରନ୍ତୁ । କାହାକୁ ନିଜର ପାସୱାର୍ଡ ଦିଅନ୍ତୁ ନାହିଁ ।
- ପାସୱାର୍ଡ ଲିକ୍ ହେବାର ଭୟ ଥିଲେ ଏହାକୁ ତୁରନ୍ତ ବଦଳାଇ ନିଅନ୍ତୁ ।
- ସମୟ ବ୍ୟବଧାନରେ ପାସୱାର୍ଡ ବଦଳାନ୍ତୁ ।
- ଆପଣଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ କେଉଁମାନେ ଆପଣଙ୍କ ପୋଷ୍ଟ ବା ବ୍ୟକ୍ତିଗତ ତଥ୍ୟ ଦେଖିପାରିବେ ସେ ନେଇ ପ୍ରାଇଭେସି ସେଟିଂ କରନ୍ତୁ ।
- ଲୋକଙ୍କ ଠାରୁ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ପୂର୍ବରୁ ତାଙ୍କ ପ୍ରୋଫାଇଲ ଭଲଭାବରେ ଯାଞ୍ଚ କରିନିଅନ୍ତୁ ।



**ସଚେତନ ହେବା, ସାଇବର ଅପରାଧ ରୋକିବା**

ସାଇବର ଅପରାଧ ସହାୟତା ନଂ ୧୯୩୦

www.cybercrime.gov.in @cybercopodisha

* ଯେତେ ସମ୍ଭବ ନିଜ ପ୍ରୋଫାଇଲ୍ ଲକ୍ କରି ରଖନ୍ତୁ ଯଦ୍ୱାରା କେବଳ ଆପଣଙ୍କ ସୋସିଆଲ ମିଡିଆ ଫ୍ରେଣ୍ଡସ ହିଁ ଆପଣଙ୍କ ବିଷୟରେ ଜାଣିପାରିବେ ।
* ଆପଣଙ୍କ ଫୋଟୋ ବା ଭିଡିଓ କଦାପି କାହାକୁ ପଠାନ୍ତୁ ନାହିଁ
* ଅଜଣା ନମ୍ବରରୁ ଭିଡିଓ କଲ ଆସୁଥିଲେ ଆଦୌ ତାହାର ଉତ୍ତର ଦିଅନ୍ତୁ ନାହିଁ
* ଫେସବୁକ୍ ବା ଇନଷ୍ଟାଗ୍ରାମରେ ଫେକ୍ ଆକାଉଣ୍ଟ ଆପଣଙ୍କ ନଜରକୁ ଆସିଲେ ତୁରନ୍ତ ଫେସବୁକ୍ ଓ ଇନଷ୍ଟାଗ୍ରାମକୁ ସେହି ଆକାଉଣ୍ଟ ପାଇଁ ରିପୋର୍ଟ କରନ୍ତୁ ।
* ଇନଷ୍ଟାଗ୍ରାମ ବା ହ୍ୱାଟସଆପରେ କେହି ଅର୍ଥ ମାଗୁଥିଲେ ଦିଅନ୍ତୁ ନାହିଁ । କଲ୍ କରି କିମ୍ବା ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଜାଣିନିଅନ୍ତୁ ଏଥିରେ କେତେ ସତ୍ୟସତ୍ୟ ଅଛି ।

## ୩. ପିଲାଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବେ



* ସ୍ମାର୍ଟଫୋନ ବା ଇଣ୍ଟରନେଟ୍ ବ୍ୟବହାର କରୁଥିଲେ ଆପଣ ତାଙ୍କ ଉପରେ ଦୃଷ୍ଟି ରଖନ୍ତୁ ।
* ବ୍ୟବହାର କରୁଥିବା ସ୍ମାର୍ଟ ଫୋନରେ ପାରେଣ୍ଟାଲ କଣ୍ଟ୍ରୋଲ, ଚାଇଲ୍ଡ ମୋଡ୍ ଆକ୍ଟିଭେଟ କରନ୍ତୁ ।
* ଇଣ୍ଟରନେଟରେ ସେମାନେ କେଉଁ ତଥ୍ୟ ଖୋଜୁଛନ୍ତି ବ୍ରାଉଜିଂ ହିଷ୍ଟ୍ରିରେ ଯାଞ୍ଚ କରନ୍ତୁ ।
* ସୋସିଆଲ ମିଡିଆ ଆକାଉଣ୍ଟକୁ ଫଲୋ କରି ଦେଖନ୍ତୁ ସେମାନେ କ'ଣ ସବୁ ପୋଷ୍ଟ କରୁଛନ୍ତି ବା ସେୟାର କରୁଛନ୍ତି ।
* ଆପଣଙ୍କ ଶିଶୁର ସୋସିଆଲ ମିଡିଆ ଆକାଉଣ୍ଟକୁ ପ୍ରାଇଭେଟ ରଖନ୍ତୁ ।
* ଅଜାଣତରେ ଆପଣଙ୍କ ପିଲା ଯେପରି ଅନଲାଇନ ଗେମ୍ ନଖେଳନ୍ତି ସେଥିପ୍ରତି ସତର୍କ ରୁହନ୍ତୁ ।
* ଅର୍ଥ ମାଗୁଥିବା ଗେମିଂ ଆପ୍ଲିକେସନ ଇନଷ୍ଟଲ କରିବାରୁ ନିଜ ପିଲାଙ୍କୁ ନିବୃତ୍ତ ରଖନ୍ତୁ ।
* ଶିଶୁ ଯେପରି କୌଣସି ଗେମିଙ୍ଗ ଆପ୍ଲିକେସନରେ ଆପଣଙ୍କ କ୍ରେଡିଟ କାର୍ଡ/ ଡେବିଟ କାର୍ଡ / ୟୁପିଆଇ ତଥ୍ୟ ସେଭ ନକରନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
* ଶିଶୁ ସାବାଳକ ନହେବା ଯାଏଁ ତାଙ୍କୁ ଏଟିଏମ କିମ୍ବା କ୍ରେଡିଟ କାର୍ଡ ଦିଅନ୍ତୁ ନାହିଁ ।
* ଶିଶୁ କେତେ ସମୟ ମୋବାଇଲ ବା ଇଣ୍ଟରନେଟରେ ସମୟ ଦେଉଛନ୍ତି ସେଥିପ୍ରତି ନଜର ରଖନ୍ତୁ ।
* ସୁରକ୍ଷା ନେଇ ପିଲାମାନଙ୍କୁ ସଚେତନ କରାନ୍ତୁ ।

## ୪. ଆର୍ଥିକ କାରବାର ସମୟରେ ସତର୍କ ରୁହନ୍ତୁ

* କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟାଙ୍କର ତଥ୍ୟ ସେୟାର କରନ୍ତୁ ନାହିଁ ।
* କ୍ରେଡିଟ୍ କାର୍ଡ, ଡେବିଟ କାର୍ଡ, ୟୁପିଆଇ ତଥ୍ୟ ଭଳି ବ୍ୟକ୍ତିଗତ ସୂଚନା ଅଜଣା ବ୍ୟକ୍ତିଙ୍କୁ କଦାପି ଦିଅନ୍ତୁ ନାହିଁ ।
* କ୍ରେଡିଟ୍ କାର୍ଡ, ଡେବିଟ କାର୍ଡ ଆଦି ହଜିଯାଇଥିଲେ ତୁରନ୍ତ ବ୍ୟାଙ୍କକୁ ସୂଚିତ କରିବା ସହ କାର୍ଡ ବ୍ଲକ କରନ୍ତୁ ।

## ୫. ଅନଲାଇନ ସପିଂରେ ସତର୍କତା



* ବ୍ୟାଙ୍କିଙ୍ଗ ବା ସପିଂ କରୁଥିଲେ ସର୍ବସାଧାରଣ କମ୍ପ୍ୟୁଟର ବ୍ୟବହାର କରନ୍ତୁ ନାହିଁ ।
* ଅଥେଣ୍ଟିକ୍ ସାଇଟ ବା ଷ୍ଟୋର୍ସରୁ କିଣାକିଣି କରନ୍ତୁ ।
* ଅଜଣା ଲିଙ୍କ୍‌ରେ କ୍ଲିକ କରନ୍ତୁ ନାହିଁ ।
* ଅନଲାଇନ ସପିଂ ସାଇଟ ଗୁଡ଼ିକ ସାଧାରଣତଃ କୌଣସି ଅଫର ବା ଉପହାର ଦିଅନ୍ତି ନାହିଁ ।

## ୬. କେୱାଇସି/ଆଧାର/ପ୍ୟାନ ସମ୍ପର୍କିତ ଠକେଇ



- କେୱାଇସି ଅପଡେଟ କରିବା ପାଇଁ ବ୍ୟାଙ୍କ କାହାକୁ କଲ ବା ମେସେଜ କରେ ନାହିଁ ।
- କେୱାଇସି ଅପଡେଟ ପାଇଁ ଏସ୍ଏମ୍ଏସ୍ ଆସୁଥିବା ନମ୍ବରରେ ଉତ୍ତର ଦିଅନ୍ତୁ ନାହିଁ ବରଂ କଲ ବା ମେସେଜ କରୁଥିବା ନମ୍ବରକୁ ବ୍ଲକ କରିଦିଅନ୍ତୁ ।
- କୌଣସି ରିମୋଟ୍ ଆପ୍ଲିକେସନ୍ ଇନ୍‌ଷ୍ଟଲ୍ କରନ୍ତୁ ନାହିଁ, ଏହା କରିବା ଦ୍ୱାରା ସାଇବର ଅପରାଧି ଆପଣଙ୍କ ସିଷ୍ଟମର ମିରର ଇମେଜ (ପ୍ରତିବିମ୍ବ) ସୃଷ୍ଟି କରିଥାଏ । ଫଳରେ ଆପଣଙ୍କ ଡାଟା କମ୍ପ୍ରୋମାଇଜ୍ ହୋଇପାରେ ।
- ଏପରି ମେସେଜ ପାଉଥିଲେ ନିଜ ବ୍ୟାଙ୍କକୁ ଯାଇ ପଚାରି ବୁଝନ୍ତୁ ଏବଂ ଆବଶ୍ୟକ ଥିଲେ ବ୍ୟାଙ୍କରେ କେୱାଇସି ଅପଡେଟ କରନ୍ତୁ ।

## ୭. ସର୍ଚ୍ଚ ଇଞ୍ଜିନର ବ୍ୟବହାର ଠକେଇ



- କୌଣସି କଷ୍ଟମର୍ କେୟାର ନମ୍ବର ସର୍ଚ୍ଚ ଇଞ୍ଜିନ୍‌ର ବ୍ୟବହାର କରି ଖୋଜନ୍ତୁ ନାହିଁ ।
- ଅରିଜିନାଲ୍ ଏବଂ ଅଫିସିଆଲ ୱେବସାଇଟରୁ କଷ୍ଟୋମର କେୟାର ନମ୍ବର ନେବା ଅପେକ୍ଷାକୃତ ସୁରକ୍ଷିତ ହୋଇଥାଏ ।

## ୮. ନିଯୁକ୍ତି ଠକେଇ



- କୌଣସି ଅନ୍‌ଲାଇନ୍‌ରେ ପାଉଥିବା ଚାକିରି ପାଇଁ ପଇସା ଦିଅନ୍ତୁ ନାହିଁ, ଆପଣ ଠକେଇରେ ପଡ଼ିପାରନ୍ତି ।
- ଟେଲିଗ୍ରାମ୍ ଏବଂ ହ୍ୱାଟସଆପରେ କୌଣସି ଲୋଭନୀୟ ପାର୍ଟଟାଇମ ନିଯୁକ୍ତି ଅଫର ଗ୍ରହଣ କରନ୍ତୁ ନାହିଁ ।
- ରୋଜଗାର ପାଇଁ ଅନଲାଇନରେ କେହି ଅଜଣା ବ୍ୟକ୍ତି ଟଙ୍କା ଦେବା ପାଇଁ ପରାମର୍ଶ ଦେଉଥିଲେ ଟଙ୍କା ଦିଅନ୍ତୁ ନାହିଁ
- କୌଣସି ଲୋକର କଥାରେ ପଡି କ୍ରିପ୍ଟୋ କରେନ୍ସିରେ ଟଙ୍କା ଜମା କରନ୍ତୁ ନାହିଁ ।
- ସର୍ଚ୍ଚ ଇଞ୍ଜିନର ବିଜ୍ଞାପନ ଦ୍ୱାରା ପାଉଥିବା ନିଯୁକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ ।
- ଇଣ୍ଟରଭ୍ୟୁ ପାଇଁ ଅର୍ଥ ଦେବାକୁ ପଡୁଥିଲେ ସେଠାରୁ ନିବୃତ ରୁହନ୍ତୁ ।

## ୯. ଲୋନ ଆପ ଠକେଇ




- ଲୋନ୍ ପାଇବା ପାଇଁ କୌଣସି ଲୋନ ଆପ୍ ବ୍ୟବହାର କରନ୍ତୁ ନାହିଁ ବରଂ ନିକଟସ୍ଥ ବ୍ୟାଙ୍କ ସହ ସମ୍ପର୍କ କରନ୍ତୁ ।
- ଯଦି କେହି ଲୋନ ରିପେମେଣ୍ଟ ପାଇଁ ଆପଣଙ୍କ ଅଶ୍ଳୀଳ ଫଟୋ ଆପଣଙ୍କ ସମ୍ପର୍କୀୟଙ୍କୁ ପଠାଉଛନ୍ତି ଆଦୌ ଭୟ କରନ୍ତୁ ନାହିଁ । ଆପଣଙ୍କ ଠାରୁ ଟଙ୍କା ନେବା ପାଇଁ ସେମାନଙ୍କର ଏହା ଏକ ଅଭିନବ ଉପାୟ ।
- ଲୋନ ରିପେମେଣ୍ଟ ପାଇଁ ଅତିରିକ୍ତ ସୁଧ ବା ଅର୍ଥ ଲୋନ ଆପ୍‌ରେ ଦିଅନ୍ତୁ ନାହିଁ ।

## ୧୦. ମାଟ୍ରିମୋନିଆଲ ବା ଉପହାର ଠକେଇ

- ସୋସିଆଲ ମିଡ଼ିଆ ବା ମାଟ୍ରିମୋନିଆଲ ସାଇଟରେ ଜୀବନସାଥୀ ଖୋଜୁଥିଲେ ସର୍ବଦା ସତ୍ୟାସତ୍ୟ ଯାଞ୍ଚ କରନ୍ତୁ ।
- ଆପଣଙ୍କର ଅଜଣା ବନ୍ଧୁଙ୍କୁ ପ୍ରଶ୍ନ ପଚାରି ସନ୍ଦେହ ଦୂର କରନ୍ତୁ, ଏହା ପୂର୍ବରୁ ନିଜର ବ୍ୟକ୍ତିଗତ ସୂଚନା ଦିଅନ୍ତୁ ନାହିଁ ।

- ସୋସିଆଲ ମିଡିଆ ବା ମାଟ୍ରିମୋନିଆଲ ସାଇଟରେ ବନ୍ଧୁତ୍ୱ କରୁଥିଲେ ଅନ୍ଧ ଭାବରେ ବିଶ୍ୱାସ କରନ୍ତୁ ନାହିଁ ।
- ଉକ୍ତ ବ୍ୟକ୍ତିଙ୍କୁ ସର୍ବସାଧାରଣ ସ୍ଥାନରେ ହିଁ ଦେଖା କରିବାକୁ କୁହନ୍ତୁ ।
- NRI ବା ସେନାପେଶାରେ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ ।
- କେତେକ ମାମଲାରେ ସେ ଆପଣଙ୍କୁ ଭେଟିବାକୁ ଭାରତ ଆସିବା ନେଇ ଛଳନା କରିପାରନ୍ତି । ଆପଣଙ୍କୁ ଠକିବା ପାଇଁ ଏହା ଏକ ଚାଲ ହୋଇପାରେ । ଏଥିପ୍ରତି ସତର୍କ ରୁହନ୍ତୁ ।
- ଆପଣଙ୍କୁ ଜାଲରେ ଫସାଇବା ପାଇଁ କିଛି ଉପହାର/ଟଙ୍କା/ ମୂଲ୍ୟବାନ ଜିନିଷ ପାର୍ସଲ ଆକାରରେ ଦେଇପାରନ୍ତି ।
- ଆପଣଙ୍କ ପାଇଁ ପାର୍ସଲ ଆସିଛି କହି ଏୟାରପୋର୍ଟରୁ କଲ ମଧ୍ୟ ଆସିପାରେ, ତାହାକୁ ଆପଣ ବିଶ୍ୱାସ କରନ୍ତୁ ନାହିଁ ।
- ଉପହାର ବଦଳରେ ଆପଣଙ୍କୁ ଅର୍ଥ ପାଇଁ ଦାବି କରାଯାଇପାରେ ।
- ଉପହାର ବଦଳରେ ଆଦୌ ଟଙ୍କା ଟ୍ରାନ୍ସଫର ବା ଡିପୋଜିଟ କରନ୍ତୁ ନାହିଁ ।



## ୧୧. ଅଜଣା କଲ୍‌-ସିମ ସ୍ୱାପ ଠକେଇ

- ଯଦି ବାରି ଅଜଣା ନମ୍ବରରୁ ଅନେକ କଲ ବା ଲିଙ୍କ ଏସଏମଏସ / ହ୍ୱାଟସଆପ ମେସେଜ ମାଧ୍ୟମରେ ଆସୁଛି ।
- ଏହା ଦ୍ୱାରା ଆପଣଙ୍କ ସିମ ଅନ୍ୟ ନାମରେ ଟ୍ରାନ୍ସଫର ହୋଇପାରେ । ଆପଣଙ୍କ ଅଜାଣତରେ ଆପଣ ଏଥିପାଇଁ ଅନୁମତି ଦେଇଥାନ୍ତି ।
- ଏହା କରିବା ଦ୍ୱାରା ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ସମସ୍ତ ଅର୍ଥ ସେମାନେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିନିଅନ୍ତି ।
- ଆପଣଙ୍କର ଅନ୍ୟ ପାସୱାର୍ଡ ମଧ୍ୟ ସେମାନେ ଜାଣିଯାଇ ପାରନ୍ତି ।
- କୌଣସି ଅଜଣା ବ୍ୟକ୍ତି ପଠାଇଥିବା ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ ।



## ୧୨. ଟାୱାର ବସେଇବା ନାମରେ ଠକେଇ

- ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ଘରୋଇ ଜମିରେ ଟାୱାର ବସାଇବା ପାଇଁ କୌଣସି ବ୍ୟକ୍ତିଙ୍କୁ ସିଧାସଳଖ ପଚାରନ୍ତି ନାହିଁ । ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ ।
- କୌଣସି ଖବରକାଗଜ ବା ଏସଏମଏସରେ ଏପରି ବିଜ୍ଞାପନ ଦେଖିଲେ ଆଦୌ ଉକ୍ତ ନମ୍ବରରେ କଲ କରନ୍ତୁ ନାହିଁ ।
- ଘରୋଇ ଜମିରେ ମୋବାଇଲ ଟାୱାର ବସାଇବା ପାଇଁ କାହାରିକୁ ଅର୍ଥ ଦିଅନ୍ତୁ ନାହିଁ ।



## ୧୩. ଓଏଲଏକ୍ସ ଠକେଇ

- ଓଏଲଏକ୍ସ ବ୍ୟବହାରକାରୀଙ୍କୁ ଅନ୍ଧ ଭଳି ଭରସା କରନ୍ତୁ ନାହିଁ ।
- କୌଣସି ଜିନିଷ ଆକଳନ କରାଠାରୁ ଅଧିକ ଶସ୍ତାରେ ମିଳୁଥିଲେ ସେଥିରେ ବିଶ୍ୱାସ କରନ୍ତୁ ନାହିଁ । ଏହାଦ୍ୱାରା ଆପଣ ଠକେଇରେ ପଡ଼ିପାରନ୍ତି ।
- କୌଣସି ଜିନିଷ କିଣୁଥିଲେ ଅର୍ଥ ଦେବା ପୂର୍ବରୁ ବିକ୍ରେତାଙ୍କ ସହ ସାମନା ସାମନି କଥା ହୁଅନ୍ତୁ ଏବଂ ଜିନିଷର ସତ୍ୟାସତ୍ୟ ବିଷୟରେ ଭଲରେ ଯାଞ୍ଚ କରିନିଅନ୍ତୁ ।
- ଯଦି କୌଣସି ଓଏଲଏକ୍ସ ୟୁଜର କୌଣସି ୟୁପିଆଇ ଆପ ମାଧ୍ୟମରେ ଲିଙ୍କ ପଠାଉଥିଲେ ସେଥିରେ କ୍ଲିକ କରନ୍ତୁ ନାହିଁ ।






